# ମଣ୍ଡି ଆରମ୍ଭ ହେବାର ସପ୍ତାହେ ବିତିଲାଣି, ବସ୍ତାଏ ଧାନ କିଣା ହୋଇନି

ରାୟଗଡ଼ା,୨୩।୧୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲାରେ ମିଲର୍ସ ଓ ଯୋଗାଣ ବିଭାଗ ମଧ୍ୟରେ ଛକାପଞ୍ଝା ଚାଲିଛି। ଫଳରେ ଜିଲାରେ ଖରିଫ୍ ଧାନ ବିକ୍ରି ପାଇଁ ୧୭ ତାରିଖରୁ ମଣ୍ଡି ଆରମ୍ଭ ହୋଇଥିଲେ ହେଁ ବର୍ତ୍ତମାନ ସୁଦ୍ଧା ଚାଷୀଙ୍କଠାରୁ ବସ୍ତାଏ ଧାନ କିଣା ହୋଇନାହିଁ । ସୂଚନା ଅନୁଯାୟୀ, ଜିଲାରେ ଥିବା ମିଲର୍ସ ବିଭିନ୍ନ ଦାବି ସମ୍ପର୍କରେ ସରକାରଙ୍କୁ ଅବଗତ କରାଇଥିଲେ ମଧ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ସେମାନେ ଧାନ କିଣାରେ ଏକ ପ୍ରକାର ଅସହଯୋଗ ଜାରି ରଖିଛନ୍ତି। ମିଲର୍ସ ମୂଳରୁ ଚୁକ୍ତି ନ କରି ଦିନ ଗଡାଇ ଚାଲିଲେ, ସେପଟେ ଯୋଗାଣ ବିଭାଗ ମଧ୍ୟ ଡିସେମ୍ବର ପ୍ରଥମ ସପ୍ତାହରେ ଯେଉଁଭଳି ପଦକ୍ଷେପ ଗ୍ରହଣ କରିବା କଥା ତାହା କଲା ନାହିଁ। ମଣ୍ଡି ଉଦଘାଟନ ପରେ ମିଲର୍ସ ସଂଘ ସହିତ ଆଲୋଚନା ପରେ ୧୧୮ ଜଣ ମିଲର ସଂଗ୍ରହ ଲକ୍ଷ୍ୟ ରଖାଯାଇଛି। ସେଥିରୁ ଚୁକ୍ତି କରିଥିବା ୭୪ ମିଲ୍‌କୁ ୬ ଲକ୍ଷ ୧୪ ହଜାର ୬୦୦ କୁଇଣ୍ଟାଲ ଧାନ କିଣିବାକୁ ଯୋଗାଣ ବିଭାଗ ଟାର୍ଗେଟ ଦେଇଛି । ଅନ୍ୟପଟେ ଚାଷୀ ଧାନ ବିକ୍ରି କରିପାରୁ ନ ଥିବା ଏବଂ ଗଚ୍ଛିତ ରଖିବା ପାଇଁ ସ୍ଥାନ ନ ଥିବା ବେଳକୁ ଅଦିନିଆ ବର୍ଷା ଦାଉ ସାଧୁଛି । ତେବେ ଧାନ କିଣା କେବେଠୁ ଆରମ୍ଭ ହେବ ସେ ନେଇ ଚାଷୀଙ୍କ ନିକଟରେ କୌଣସି ସୂଚନା ନାହିଁ। ଫଳରେ ବର୍ଷାରେ ଧାନ ନଷ୍ଟ ହେବା ଆଶଙ୍କାରେ ଭୟଭୀତ ରହିଛନ୍ତି ଚାଷୀକୁଳ । ଡିସେମ୍ବର ୨୬ରେ ମୁଖ୍ୟମନ୍ତ୍ରୀ ରାୟଗଡା ଜିଲା ଗସ୍ତରେ ଆସୁଥିବା ବେଳେ ତାଙ୍କୁ ଭେଟି ସମସ୍ୟା ଜଣାଇ ଚାଷୀ ଅଭିଯୋଗ ଦାଖଲ କରିବା ପାଇଁ ପ୍ରସ୍ତୁତି ଚଲାଇଥିବା ସୂଚନା ମିଳିଛି ।

ଅପରପକ୍ଷରେ ଏଫଏକ୍ୟୁ ଧାନକୁ ନେଇ ବର୍ତ୍ତମାନ ବିବାଦ ମଧ୍ୟ ଦେଖାଦେଇଛି। ସରକାର ଏଫଏକ୍ୟୁ ମାନର ଧାନ ଦେବା ପାଇଁ ମିଲର୍ସଙ୍କୁ କହିଛନ୍ତି। ତେବେ ଜିଲାର



ଧାନ କିଣିବା ପାଇଁ ଲ୍ୟାମ୍ପସ୍ କର୍ମଚାରୀ ବସିଛନ୍ତି।

ଧାନ କିଣିବା ପାଇଁ ସହମତି ପ୍ରକାଶ କଲେ। କିନ୍ତୁ ୭୪ ଜଣ ମିଲର ଯୋଗାଣ ବିଭାଗ ସହିତ ଚୁକ୍ତି କରିଛନ୍ତି। ବଳକା ୪୪ ଜଣ ମିଲର ଚୁକ୍ତି ନ କରି ନୀରବତା ଅବଲମ୍ବନ କରୁଥିବାରୁ ଏଭଳି ସମସ୍ୟା ଉପୁଜୁଥିବା ଆଲୋଚନା ହେଉଛି।

ଜିଲାରେ ଚଳିତ ବର୍ଷ ୯ ଲକ୍ଷ ୪୩ ହଜାର ୭୦୧ କୁଇଣ୍ଟାଲ ଧାନ ସମସ୍ତ ଚାଷୀ କ'ଣ ଏଫଏକ୍ୟୁ ମାନର ଧାନ ଦେବେ କି ବୋଲି ମିଲର ପ୍ରଶ୍ନ କରୁଛନ୍ତି। ଚାଷୀ ଏଫଏକ୍ୟୁ ମାନର ଧାନ ଦେଲେ ଆମେ ସେହି ଧାନ ମିଲିଂ କରି ଚାଉଳ ଦେବୁ ବୋଲି କହି ୪୪ ଜଣ ମିଲର ଚୁକ୍ତି କରିନାହାନ୍ତି। ତେଣୁ ବର୍ତ୍ତମାନ ଚୁକ୍ତି କରିଥିବା ମିଲର୍ସ ମଧ୍ୟ ଧାନ କିଣିବା ନେଇ ସନ୍ଦେହରେ ରହିଛନ୍ତି। ଅନ୍ୟପକ୍ଷେ କୃଷି ବିଭାଗ ଆମକୁ ଏଫଏକ୍ୟୁ ମାନର ଧାନ ଉତ୍ପାଦନ ଭଳି ବିହନ ପ୍ରଦାନ କରିଥିଲା କି ବୋଲି ଚାଷୀ ପ୍ରଶ୍ନ ଉଠାଇଛନ୍ତି। ଏହିସବୁ ଦ୍ୱନ୍ଦ୍ୱ ଭିତରେ ଧାନ ସଂଗ୍ରହ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି। ମଣ୍ଡିରେ ଲ୍ୟାମ୍ପସ କର୍ତ୍ତୃପକ୍ଷ ପ୍ରତିଦିନ ଯାଇ ଖାଲି ହାତରେ ଫେରୁଛନ୍ତି। ରାୟଗଡା ସହରର ଆରଏମସି ମାର୍କେଟ ୟାର୍ଡଠାରେ ମଧ୍ୟ ହାତ ବାନ୍ଧି ବସିଛନ୍ତି ଲ୍ୟାମ୍ପ କର୍ମଚାରୀ। ଅପରପକ୍ଷରେ ଗୋଟିଏ ଲଘୁଚାପ ଜନିତ ବର୍ଷା ନିକଟରେ ପାର ହୋଇଥିବା ବେଳେ ଆଉ ଗୋଟିଏ ମଧ୍ୟ ଆସୁଥିବା ପାଣିପାଗ ବିଭାଗ କହୁଛି। ଯାହା ଚାଷୀଙ୍କ ପାଇଁ ଚିନ୍ତାର ବଡ଼ କାରଣ ପାଲଟିଛି । ଏ ସମ୍ପର୍କରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଦାଶରଥୀ ସୋରେନଙ୍କୁ ପଚାରିବାରୁ ମିଲର୍ସଙ୍କୁ ସରକାରଙ୍କ ନିର୍ଦ୍ଦେଶ ଜଣାଯାଇଛି ଏବଂ ଯେଉଁ ମିଲର ଚୁକ୍ତି କରିଛନ୍ତି ସେମାନେ ଖୁବଶୀଘ୍ର ଧାନ ଗ୍ରହଣ କରିବେ ବୋଲି କହିଛନ୍ତି । ତତ୍‌ସହିତ ଚାଷୀ ମଧ୍ୟ ନିଜର ଧାନ ବିକ୍ରି କରିବେ ବୋଲି ସୋରେନ କହିଛନ୍ତି।

## ଧାନ ମଣ୍ଡି ସମସ୍ୟା ନେଇ ଉପ ଜିଲାପାଳଙ୍କୁ ଅଭିଯୋଗ




ଉପ ଜିଲାପାଳଙ୍କୁ ସମସ୍ୟା ଜଣାଇବାକୁ ଆସିଥିବା ଚାଷୀ ।

ଗୁଣପୁର,(ପ୍ରଦୀପ କୁମାର ପାଢୀ)

ଧାନ ମଣ୍ଡିରେ ବିଭିନ୍ନ ସମସ୍ୟା ଲାଗି ରହିଥିବାରୁ ମଣ୍ଡିରେ ଧାନ କ୍ରୟ ବିକ୍ରୟ ହୋଇପାରୁନାହିଁ। ମଣ୍ଡିରେ ଏବଂ ଖଳାରେ ପଡି ରହିଛି ଧାନ। ଏପରି ଅନେକ ସମସ୍ୟା ନେଇ ରାୟଗଡା ଜିଲା ରାମନାଗୁଡା ବ୍ଲକ ଉକୁମ୍ବା ଅଞ୍ଚଳର ଚାଷୀ ସୋମବାର ଗୁଣପୁର ଉପଜିଲାପାଳ କିରଣ ଦୀପ କୌର ସହୋତାଙ୍କୁ ଭେଟି ଅଭିଯୋଗ କରିଛନ୍ତି। ସେମାନଙ୍କ ସମସ୍ୟା ଯଥାଶୀଘ୍ର ପୂରଣ ନ ହେଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚାଷୀ ଚେତାବନୀ ଦେଇଛନ୍ତି।

ଚାଷୀଙ୍କ ଅଭିଯୋଗ ହେଲା ଗତ ୧୭ ତାରିଖରୁ ମଣ୍ଡି ଖୋଲିଥିଲେ ମଧ୍ୟ ଅଦ୍ୟାବଧି ଧାନ କ୍ରୟ ହେଉନାହିଁ। ଫଳରେ ଧାନଗୁଡିକ ମଣ୍ଡି ଏବଂ ଖଳାରେ ପଡି ରହିଛି। ଏପରି ସମସ୍ୟା ମଧ୍ୟରେ ଅଦିନିଆ ବର୍ଷାରେ ଧାନଗୁଡିକ ଭିଜିଯାଇଛି। ଆଗକୁ ପୁଣି ବର୍ଷାର ଆଶଙ୍କା ଥିବାରୁ ଏପରି ସ୍ଥିତିରେ ଚାଷୀ କ'ଣ କରିବେ ସେ ନେଇ ଚିନ୍ତାରେ ପଡିଯାଇଛନ୍ତି। ଧାନ ପାଇଁ ଖୋଟ ଅଖା ପ୍ରଦାନ ପାଇଁ କୁହାଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଧା ଅଖା ଦିଆ ନ ଯାଇ କିଣିବାକୁ କୁହାଯାଉଛି। ଏତେ ପରିମାଣରେ ଅଖା କେଉଁଠାରୁ କ୍ରୟ କରିବେ ବୋଲି ଚାଷୀ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷେ ୨ ସପ୍ତାହ ହେଲା ଚାଷୀ ଟୋକନ ପାଇଥିଲେ ମଧ୍ୟ ଧାନ ବିକ୍ରି ହୋଇପାରୁ ନ ଥିବାରୁ ସେଗୁଡିକ ତାଙ୍କ ନିକଟରେ ରହିଯାଇଛି। ଟୋକନଗୁଡିକର ସମୟ ସୀମା ମଧ୍ୟ ସରି ଆସୁଛି। ଏପରି ସମସ୍ୟା ମଧ୍ୟରେ ଚାଷୀ ଘାଣ୍ଟି ହେଉଥିଲେ ମଧ୍ୟ ତାଙ୍କ ପ୍ରତି ଦୃଷ୍ଟି ପ୍ରଦାନ କରାଯାଉ ନ ଥିବାରୁ ତୁରନ୍ତ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ କରିବାକୁ ବାଧ୍ୟ ହେବକୁ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

## 'ଶିକ୍ଷା ସହ ଶିଷ୍ଟାଚାର ଶିଶୁଙ୍କୁ ଶିଖରରେ ପହଞ୍ଚାଇଥାଏ'




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

ପଦ୍ମପୁର, ୨୩।୧୨ (ପ୍ରଶାନ୍ତ କୁମାର କର)

ସମାଜରେ ଶିକ୍ଷା ଯେମିତି ଗୁରୁତ୍ୱପୂର୍ଣ୍ଣ ସେହିଭଳି ଶିଷ୍ଟାଚାର ମଧ୍ୟ ଜରୁରୀ। କାରଣ ଶିକ୍ଷା ସହ ଶିଷ୍ଟାଚାର ଜଣେ ଶିଶୁକୁ ଶିଖରରେ ପହଞ୍ଚାଇବା ସହ ଆଦର୍ଶ ନାଗରିକ ଗଢିବାରେ ସହାୟକ ହୋଇଥାଏ ବୋଲି ରାୟଗଡ଼ା ଜିଲା ମଙ୍ଗଳ ଅଧିକାରୀ ଅସୀମା ରାଓ ପଦ୍ମପୁର ସରସ୍ୱତୀ ଶିଶୁ ମନ୍ଦିର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ସମ୍ମାନିତ ଅତିଥି ଭାବେ ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବ ପ୍ରସାଦ ପଟ୍ଟନାୟକ, ପଦ୍ମପୁର ତହସିଲଦାର ଶଙ୍କର ବାଗ ଏବଂ ମୁଖ୍ୟବକ୍ତା ଭାବେ ଗୁଣପୁର ମହାବିଦ୍ୟାଳୟ ଅଧ୍ୟକ୍ଷ ଶଶିଭୂଷଣ ମହାନ୍ତି, ନିମନ୍ତ୍ରିତ ଅତିଥି ଭାବେ ପଦ୍ମପୁର ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ପଦ୍ମପୁର ସରପଞ୍ଚ ପ୍ରକାଶ କଣ୍ଡାଗିରି ପ୍ରମୁଖ ଉପସ୍ଥିତ ଥିଲେ। ସଭାପତି ପୂର୍ଣ୍ଣବାସୀ ପାଣିଗ୍ରାହୀ ସଭା ପରିଚାଳନା କରିଥିଲେ। ପୂର୍ବରୁ ଅନୁଷ୍ଠାନ ତରଫରୁ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ଶିଶୁମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସହ ସମ୍ପାଦକ ଡାକ୍ତର ଅରୁଣ କୁମାର ମାନସିଂହ, ସାନ୍ତନୁ ଦାସ, ଯୁଗ୍ମ ସମ୍ପାଦକ ସୁରେନ୍ଦ୍ର ସାହୁ, ମେନେକା ଶବର, ପୂର୍ଣ୍ଣଚନ୍ଦ୍ର ଦାସ ଓ ଭାସ୍କର ପାଣିଗ୍ରାହୀ , କୋଷାଧ୍ୟକ୍ଷ ଗୋପାଳ କୃଷ୍ଣ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ମେଧାବୃତ୍ତିରେ ଉ-ଜୁମୁରୁଗୁଡ଼ା ସ୍କୁଲ ଛାତ୍ରୀଙ୍କ କୃତିତ୍ୱ





ପଦ୍ମପୁର, ୨୩।୧୨ (ପ୍ରଶାନ୍ତ କୁମାର କର)

ପଦ୍ମପୁର ବ୍ଲକସ୍ତରୀୟ ୩ୟ ଓ ୫ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଅନୁଷ୍ଠିତ ମେଧାବୃତ୍ତି ଚୟନ ପରୀକ୍ଷାରେ ପଦ୍ମପୁର ବ୍ଲକ୍ ଅଧୀନ ଉପର ଜୁମୁରୁଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟର ୩ ଜଣ ଛାତ୍ରୀ କୃତିତ୍ୱ ହାସଲ କରିଛନ୍ତି। ୩ୟ ଶ୍ରେଣୀର ଧରିତ୍ରୀ ସାହୁ ଓ ବୃଷଭାନୁ ଶବର, ୫ମ ଶ୍ରେଣୀ ପାଇଁ ସୋନାଲି ସାହୁ କୃତିତ୍ୱ ଅର୍ଜନ କରି ବିଦ୍ୟାଳୟ ପାଇଁ ସୁନାମ ଅର୍ଜନ କରିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲୀପ କୁମାର କର ଓ ଶ୍ରେଣୀ ଶିକ୍ଷୟିତ୍ରୀ ଶିକ୍ଷକ ରେଣୁବାଳା ନାୟକ, ଆର୍.ଆରତୀ, ବନିତା ନାୟକ, ହୃଷୀକେଶ ପରିଡ଼ା ଅଭିଭାବକ, ପୂର୍ବତନ ସରପଞ୍ଚ ପୁଣ୍ୟାବତୀ ମାଣ୍ଡାଙ୍ଗି ଓ ବର୍ତ୍ତମାନର ସରପଞ୍ଚ ପ୍ରକାଶ କୋଣ୍ଡାଗିରିଙ୍କ ସହ ବିଦ୍ୟାଳୟ କମିଟିର ସଭାପତି ହରିକୃଷ୍ଣ ରାମନାଥ ଶବର ପ୍ରଶଂସା କରିଥିଲେ ।

ସୂଚନାଯୋଗ୍ୟ, ନଭେମ୍ବର ୬ରେ ପଦ୍ମପୁର ବ୍ଲକର ୧୩ଟି ପଞ୍ଚାୟତର ୩ୟ ଶ୍ରେଣୀ ପାଇଁ ୧୦୦ ଜଣ ପରୀକ୍ଷା ଦେଇ ୭ଜଣ ଓ ୫ମ ଶ୍ରେଣୀ ପାଇଁ ସର୍ବମୋଟ ୭୮ଜଣ ପରୀକ୍ଷା ଦେଇ ୭ଜଣ ଛାତ୍ରୀଛାତ୍ର ବ୍ଲକସ୍ତରରେ ମେଧାବୃତ୍ତି ପାଇବାରେ ସକ୍ଷମ ହୋଇଛନ୍ତି ।

## ପି.ସାଇ ମିଷ୍ଟର କୋରାପୁଟ ବଡି ବିଲ୍ଡିଂ ଚାମ୍ପିୟନ

ରାୟଗଡ଼ା,୨୩।୧୨(ଆଶିଷ ରଞ୍ଜନ ପଣ୍ଡା)

କୋରାପୁଟ ଜିଲା ଜୟପୁର ଦଶହରା ପଡ଼ିଆରେ ସୋମବାର ଆୟୋଜିତ ମିଷ୍ଟର ଅନଡିଭାଇଡେଡ୍ କୋରାପୁଟ ବଡ଼ି ବିଲଡିଂ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାୟଗଡ଼ା ଯୁବକ ପି.ସାଇ ମିଷ୍ଟର କୋରାପୁଟ ବଡ଼ି ବିଲଡିଂ ଚମ୍ପିୟନଶିପ୍ ଟାଇଟଲ୍ ହାସଲ ସହ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଏଥିସହିତ ୬୫ କେଜିରେ ପପୁନ ସାହୁ ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ୫୫ କେଜିରେ ସୟଦ କଳିଙ୍ଗ ରୌପ୍ୟ ପଦକ ହାସଲ କରିଛନ୍ତି । ସେହିଭଳି ବିଭିନ୍ନ ବର୍ଗରେ ନିଲୁ ମହାନନ୍ଦିଆ ପ୍ରଥମ, ଅଭିଜିତ୍ ଖଡ଼ିରତ୍ନ ଓ ତୁଷାରକାନ୍ତି ଝୋଡ଼ିଆ ଚତୁର୍ଥ ଏବଂ ଅଭିମନ୍ୟୁ ବିଡ଼ିକା ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ଏହି କୃତିତ୍ୱ ପାଇଁ ସମସ୍ତଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି । ଏହି କୃତିତ୍ୱ ହାସଲ ପାଇଁ ସମସ୍ତ ଯୁବକ ଜିମ୍ ଟ୍ରେନରଙ୍କୁ ତାଙ୍କ ସହଯୋଗ ପାଇଁ କୃତଜ୍ଞତା ଜଣାଇଛନ୍ତି ।



ଅତିଥିଙ୍କ ସହ ରାୟଗଡ଼ା ଯୁବକ ପି.ସାଇ ।

## ସପ୍ତାହେ ମଧ୍ୟରେ ମରାମତି ନ ହେଲେ ଆନ୍ଦୋଳନ ଚେତାବନୀ

### ହାଲୁଆ ମୁଖ୍ୟ ରାସ୍ତା ଅବସ୍ଥା ଶୋଚନୀୟ

ରାୟଗଡା,୨୩।୧୨(ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ବ୍ଲକ ଅନ୍ତର୍ଗତ ହାଲୁଆ ଗ୍ରାମ ପଞ୍ଚାୟତର ମୁଖ୍ୟ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ମରାମତି ଅଭାବରୁ ରାସ୍ତାର ପିଚୁ ଉଠି ମେଟାଲ ଓ ଗୋଡ଼ି ବାହାରିପଡ଼ିଛି। ଫଳରେ ଲୋକେ ଉକ୍ତ ରାସ୍ତା ଦେଇ ବାଇକ୍ କିମ୍ବା ସାଇକେଲରେ ଯାତାୟାତ ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ମରାମତି ପାଇଁ ବାରମ୍ବାର ଦାବି ସତ୍ତ୍ୱେ କାହିଁକି ମରାମତି କରାଯାଉ ନାହିଁ ବୋଲି ରାୟଗଡ଼ା ଆଦିବାସୀ ମହାସଂଘର କାର୍ଯ୍ୟ ନିର୍ବାହୀ ସଦସ୍ୟା ତଥା ସାମାଜିକ କର୍ମୀ ରୂପୁଲି ଯାକାକା ପ୍ରଶ୍ନ କରିଛନ୍ତି । ସପ୍ତାହେ ମଧ୍ୟରେ ରାସ୍ତା ମରାମତି ନ ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି ରୂପଲି।

ସୂଚନାଯୋଗ୍ୟ, ରାୟଗଡା ସଦର ମହକୁମାଠାରୁ ପ୍ରାୟ ୫ କିମି ଦୂରରେ ଅବସ୍ଥିତ ହାଲୁଆ ଗ୍ରାମ ପଞ୍ଚାୟତ ଅଧୀନରେ ପ୍ରାୟ ୧୩ଟି ଗ୍ରାମର ଲୋକେ ଏହି ରାସ୍ତା ଉପରେ ନିର୍ଭରଶୀଳ। ଆଦିବାସୀ ମହସଂଘର ସମ୍ପାଦକ କାମେଶ୍ୱର ବିଡ଼ିକା ସୋମବାର ହାଲୁଆ ଗ୍ରାମକୁ ଯାଇ ଗାଁର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରି ମହାସଂଘ ଜିଲା ସଭାପତି ବିଜୟ କୁମାର ମେଲାକାଙ୍କୁ ଲିଖିତ ସୂଚନା ଦେଇଥିଲେ। ରାସ୍ତା ମରାମତି ପାଇଁ ମେଲକା ମୁଖ୍ୟମନ୍ତ୍ରୀ, ବିଭାଗୀୟ, ଜିଲା ପ୍ରଶାସନର ବିଭାଗୀୟ ଅଧିକାରୀ ଓ ରାଜ୍ୟ ସରକାରଙ୍କ ସଚିବଙ୍କୁ ଚିଠି ଲେଖି ନିବେଦନ କରିଛନ୍ତି ।



ଅଭିଯୋଗ କରୁଥିବା ମହିଳା।

## ଇମ୍ଫାରେ ଆପାତ୍‌କାଳୀନ ମକ୍ ଡ୍ରିଲ୍



ପେଟ୍ରୋଲିୟମ ବାଷ୍ପ ଟାଙ୍କିରେ ଲିକେଜ୍ ସମ୍ପର୍କିତ ମକ୍ ଡ୍ରିଲ୍।

ରାୟଗଡ଼ା,୨୩।୧୨(ଆଶିଷ ରଞ୍ଜନ ପଣ୍ଡା)

ଆପତ୍‌କାଳୀନ ପରିସ୍ଥିତି ଆସିଲେ କିଭଳି ଏହାର ମୁକାବିଲା କରାଯାଇପାରିବ ସେ ନେଇ ଥେରୁବାଲି ସ୍ଥିତ ଇମ୍ଫା କମ୍ପାନୀ ପରିସରରେ ଏକ ମକ୍ ଡ୍ରିଲ ଆୟୋଜିତ ହୋଇଯାଇଛି । ଇମ୍ଫା ଉପସଭାପତି ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ଆଶିଷ କୁମାର ରାୟଙ୍କ ପରାମର୍ଶକ୍ରମେ ସୁମୋ ଷ୍ଟେଶନ ନିକଟସ୍ଥ ହାଲୁକା ପେଟ୍ରୋଲିୟମ ବାଷ୍ପ ଟାଙ୍କିରେ ଲିକେଜ୍ ସମ୍ପର୍କିତ ଏକ ମକ୍ ଡ୍ରିଲ୍ ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ପ୍ରାଧିକାରୀମାନେ ପ୍ରତିକ୍ରିୟା ନୀତିଗତ ସ୍ଥିତି ଏବଂ ସୁଧାର କ୍ଷେତ୍ରଗୁଡିକୁ ଆଲୋଚନା କରିଥିଲେ। କାରଖାନା ଓ ବାଷ୍ପିତ ବିଭାଗର ସହକାରୀ ନିର୍ଦ୍ଦେଶକ ବିନିତ ସାରଙ୍ଗୀ, ବିପର୍ଯ୍ୟୟ ପ୍ରଶମନ ସଂସ୍ଥା ଡିପିଓ ଜ୍ୟୋତିର୍ମୟ ପାତ୍ର, କୋଲନରା ଅଗ୍ନିଶମ ଅଧିକାରୀ ଜି.ଏସ୍. ଶବର, ଥେରୁବାଲି ପୋଲିସ ଫାଣ୍ଡି ଇନଚାର୍ଜ ହରେକୃଷ୍ଣ ମୁଣ୍ଡାରୀ, କୋଲନରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡ଼ିକାଲ ଅଫିସର ସୌମ୍ୟ ରଞ୍ଜନ ନାୟକ ଓ ଅନ୍ୟ କମ୍ପାନୀ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ । 'ଏହି ଡ୍ରିଲ୍ ଆମ ପରିବାରକୁ କୌଣସି ଅନୁପେକ୍ଷିତ ଘଟଣା ପାଇଁ ପ୍ରସ୍ତୁତ ରହିବାରେ ମହତ୍ତ୍ୱପୂର୍ଣ୍ଣ ବୋଲି ବିତରଣ ଶୃଙ୍ଖଳା ବିଭାଗ ସାଧାରଣ ପରିଚାଳକ ଅତନୁ ମିଶ୍ର ନିଜ ଅଭିଭାଷଣରେ କହିଥିଲେ। ସେହିଭଳି ଆମେ ପ୍ରତିବାସୀଙ୍କ ମଧ୍ୟରେ ସୁରକ୍ଷା ଓ ପ୍ରସ୍ତୁତିର ଏକ ସଂସ୍କୃତିକୁ ଉତ୍ସାହିତ କରିବାକୁ ଚାହୁଁ ବୋଲି ବୈଦ୍ୟୁତିକ ବିଭାଗ ଉପ ମୁଖ୍ୟ ପରିଚାଳକ କେ.ସି. ଦାଶ ନିଜ ଅଭିଭାଷଣରେ ମତ ରଖିଥିଲେ। କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟ, ସୁରକ୍ଷା ଓ ପରିବେଶ ବରିଷ୍ଠ ପରିଚାଳକ ପ୍ରଦ୍ୟୁମ୍ନ ଆଚାର୍ଯ୍ୟ ପରିଚାଳନା କରିଥିବାବେଳେ ଲୋକସମ୍ପର୍କ ସହ ପରିଚାଳକ ଦୀପକ କୁମାର ଓଝା ଓ ସୁରକ୍ଷା ଅଧିକାରୀ ତିରୁପତି ପଣ୍ଡା ସଂଯୋଜନା କରିଥିଲେ ।

## ଏଫ୍‌ଏକ୍ୟୁ ମାନର ଧାନକୁ ନେଇ ଚିନ୍ତାରେ ଚାଷୀ

### ମଣ୍ଡିରୁ ଫେରିଲା ଧାନ

ବିଷମକଟକ,୨୩।୧୨(ପ୍ରସନ୍ନ କୁମାର ପଣ୍ଡା)

ବିଷମକଟକ ବ୍ଲକ୍‌ରେ ଏଫ୍‌ଏକ୍ୟୁ ମାନର ଧାନକୁ ନେଇ ଚିନ୍ତାରେ ଚାଷୀ। ସରକାରୀ ନିୟମ ଅନୁଯାୟୀ, ଚାଷୀ ମଣ୍ଡିକୁ ଏଫ୍‌ଏକ୍ୟୁ ମାନର ଧାନ ଆଣିବାକୁ ପରାମର୍ଶ ଦିଆଯାଇଛି। ଯଦି କୌଣସି ଚାଷୀ ନିମ୍ନମାନର ଧାନ ଆଣି ମଣ୍ଡିକୁ ଆସୁଛନ୍ତି ତାଙ୍କୁ ଫେରାଇ ଦିଆଯାଉଥିବା ଅଭିଯୋଗ ହେଉଛି। ସୋମବାର ୩ ଜଣ ଚାଷୀ ଶିବରାମ ଦଳେଇ ୧୫୦ ବସ୍ତା, ପ୍ରଶାନ୍ତ କାଣ୍ଡାମାକା ୬୦ ବସ୍ତା ଓ ପଦ୍ମନ ତୁଳ ୧୬ ବସ୍ତା ଧାନ ନେଇ ହାଟ ମୁନିଗୁଡା ଆର.ଏମସି ଧାନ ବିକ୍ରୟ କେନ୍ଦ୍ରକୁ ଆସିଥିଲେ । ସେମାନଙ୍କ ଧାନକୁ ଆରଏମସି କର୍ମଚାରୀମାନେ ଏଫଏକ୍ୟୁ ମାନ ନ ଥିବା ଦର୍ଶାଇବା ସହ ନିମ୍ନମାନର ବୋଲି କହି ଫେରାଇ ଦେଇଥିଲେ। ଫଳରେ ଚାଷୀ ଧାନ ବିକ୍ରି କରି ନ ପାରି ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

## ଭୂଦାନ ଆନ୍ଦୋଳନ କର୍ମୀ ଗଙ୍ଗାଧର ଦାସଙ୍କ ପରଲୋକ

ରାୟଗଡ଼ା,୨୩।୧୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ଜିଲାର ଭୂଦାନ ଆନ୍ଦୋଳନର ବରିଷ୍ଠ ବ୍ୟକ୍ତିତ୍ୱ ଗଙ୍ଗାଧର ଦାସଙ୍କ ସୋମବାର ସକାଳେ ରାୟଗଡା ରାଣୀଗୁଡାସ୍ଥିତ ବାସଭବନରେ ପରଲୋକ ଘଟିଛି। ୧୯୩୭ ମାର୍ଚ୍ଚ ୧୬ ତାରିଖରେ ଭଦ୍ରକ ଜିଲାର ତରୁଣପଦା ଗ୍ରାମରେ ଜନ୍ମିତ ଗଙ୍ଗାଧର ୧୭ ବର୍ଷ ବୟସରୁ ଓଡ଼ିଶା ଭୂଦାନ ଆନ୍ଦୋଳନର ପୁରୋଧା ବିନୋବା ଭାବେ ଏବଂ ମନମୋହନ ଚୌଧୁରୀଙ୍କ ଦ୍ୱାରା ପ୍ରଭାବିତ ହୋଇ ଓଡ଼ିଶାର ବିଭିନ୍ନ ଗ୍ରାମରେ ଗ୍ରାମ ଦାନ ଏବଂ ଭୂଦାନ ଆନ୍ଦୋଳନରେ ପଦଯାତ୍ରା କରିଥିଲେ। ପରେ ରାୟଗଡା ଜିଲାକୁ ନିଜର କର୍ମକ୍ଷେତ୍ର ରୂପେ ବାଛି ରାୟଗଡାରେ ଅବସ୍ଥାପିତ ହୋଇଥିଲେ। ଅବିଭକ୍ତ କୋରାପୁଟ, ଗଞ୍ଜାମ ଓ ଗଜପତି ଜିଲାରେ ସେତେବେଳେ ବିଭିନ୍ନ ଗ୍ରାମରେ କୁପ୍ରଥା ଦୂରୀକରଣ, ଜାତି ପ୍ରଥା, ଅନ୍ଧ ବିଶ୍ୱାସ ଲୋପ, ଭୂଦାନ ଓ ଗ୍ରାମଦାନ ଉପରେ ବିଶେଷ କାର୍ଯ୍ୟ କରିଥିଲେ। ସେତେବେଳର ମନ୍ତ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ପରାମର୍ଶଦାତା



ରୂପେ ଅବସ୍ଥାପିତ ଗଙ୍ଗାଧର ଲୋକନୀତି ନାମକ ଏକ ପତ୍ରିକାର ସମ୍ପାଦନା ଦାୟିତ୍ୱ ନିର୍ବାହ କରିଥିଲେ। ରାୟଗଡାରେ ପ୍ରଥମ ଜନତା ପ୍ରେସ୍‌ର ଆରମ୍ଭ ସେ କରିଥିଲେ। ସମସ୍ତଙ୍କ ପରିଚିତ ଗଙ୍ଗାଧରଙ୍କ ପରଲୋକ ସମୟରେ ଧର୍ମ ପତ୍ନୀ ଭାଗ୍ୟବତୀ ଦାସ, ୫ ଝିଅ, ଜ୍ୱାଇଁ ନାତି ନାତୁଣୀ, ବନ୍ଧୁବାନ୍ଧବ ଏବଂ ପରିବାରବର୍ଗ ଉପସ୍ଥିତ ଥିଲେ। ମଙ୍ଗଳବାର ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯିବ।

## ଉଠାଜଳସେଚନ ପ୍ରକଳ୍ପ ନିର୍ମାଣ ପରଠୁ ଅଚଳ

ଚନ୍ଦ୍ରପୁର, ୨୩।୧୨ (ବିଜୟ ପ୍ରସାଦ ଉଲାକା)

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକର ହନୁମନ୍ତପୁର ପଞ୍ଚାୟତ ଅଧୀନ ରାଇବିଜିପଦର ଛକ ନିକଟରେ ୧୮ ଲକ୍ଷ ୭୦ହଜାର ଟଙ୍କା ବ୍ୟୟରେ ଏକ ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ପ୍ରକଳ୍ପ ନିର୍ମାଣ ହେବାର ୪ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ତାହା କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଏହି ଉଠାଜଳସେଚନ ପ୍ରକଳ୍ପ ଦ୍ୱାରା କେହି ଜଣେ ବି ଚାଷୀ ଉପକୃତ ହୋଇ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ସୂଚନାଯୋଗ୍ୟ, ଚାଷୀଙ୍କ ଜମିକୁ ଜଳସେଚନ ସୁବିଧା ଯୋଗାଇବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଗୁଣପୁର ଉଠା ଜଳସେଚନ ବିଭାଗ ଜରିଆରେ ୨୦୧୯-୨୦ ଆର୍ଥିକ ବର୍ଷରେ ୧୮ ଲକ୍ଷ ୭୦ହଜାର ଟଙ୍କା ବ୍ୟୟରେ ରାଇବିଜି ନାମକ ନୂତନ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ତେବେ ଏହି ପ୍ରକଳ୍ପ ନିର୍ମାଣ ହେବା ଦିନଠାରୁ ଅଚଳ ହୋଇପଡ଼ିଛି। ଏହି






ପ୍ରକଳ୍ପର ହିତାଧିକାରୀ ସଂଖ୍ୟା ମାତ୍ର ୧୮ଜଣ ବୋଲି ସୂଚନା ଫଳକରେ ଉଲ୍ଲେଖ ରହିଛି। ଏହାର ତଦାରଖ କିମ୍ବା ରକ୍ଷଣାବେକ୍ଷଣ କେବେ କରାଯାଇନାହିଁ କିମ୍ବା ବିଭାଗୀୟ କର୍ତ୍ତୃପକ୍ଷଙ୍କ କେବେ ଏଠାରେ ଦେଖାମିଳେନି ବୋଲି ନିକଟସ୍ଥ କୁରଲିବାଲି ଗ୍ରାମର ଚାଷୀ ବେଲାଳ ସେନ କାର୍ଜି ଅଭିଯୋଗ କରିଛନ୍ତି। ସମଗ୍ର ଚନ୍ଦ୍ରପୁର ବ୍ଲକର ଏକମାତ୍ର ପ୍ରକଳ୍ପ ଦୀର୍ଘ ୪ବର୍ଷରୁ ଉର୍ଦ୍ଧ୍ୱ ହେଲାଣି ସେମିତି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ପ୍ରକଳ୍ପ ନିକଟରେ ଏକ ପମ୍ପ ଗୃହ ନିର୍ମାଣ କରାଯାଇ ନ ଥିବାରୁ ଏହା କାର୍ଯ୍ୟକ୍ଷମ ହୋଇପାରୁ ନ ଥିବା ହନୁମନ୍ତପୁର ଗ୍ରାମର ଚାଷୀ ପ୍ରମୋଦ ମୁଦୁଲି ଅଭିଯୋଗ କରିଛନ୍ତି। ଏଥିପ୍ରତି ଜଲାପାଳ ଦୃଷ୍ଟି ଦେଇ ପଦକ୍ଷେପ ନେବାପାଇଁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭୀମ ଗୋଗେରେଙ୍ଗା, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଈଶ୍ୱର ରାଓ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଉଠାଜଳସେଚନ ସହକାରୀ ଯନ୍ତ୍ରୀଙ୍କୁ ପଚାରିବାରୁ ମୁଁ ପ୍ରକଳ୍ପସ୍ଥଳକୁ ଯାଇ ଅନୁଧ୍ୟାନ କରିବା ପରେ ତୁରନ୍ତ କାର୍ଯ୍ୟକ୍ଷମ ପାଇଁ ଚେଷ୍ଟା କରିବି ବୋଲି କହିଛନ୍ତି। ତେବେ ଏ ସମ୍ପର୍କରେ ଚାଷୀମାନେ କୌଣସି ଅଭିଯୋଗ କରି ନ ଥିବା ସେ କହିଛନ୍ତି।

# ନିର୍ବାହୀ ଅଧିକାରୀ, ଏଡିଓଙ୍କୁ ତାଲା ପକାଇଲେ ସରପଞ୍ଚ

**କୋରୁକୋଣ୍ଡା, ୨୩।୧୨(ଶିବଦତ୍ତ ସାହୁ)**



ତାଲା ପକା ଯାଇଛି ।

■ ଡୁଡାମେଟା ପଞ୍ଚାୟତ
■ ୭ ଦିନ ମଧ୍ୟରେ ସମସ୍ୟା ସମାଧାନ ପ୍ରତିଶ୍ରୁତି ଦେଲେ ପିଇଓ

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଡୁଡାମେଟା ପଞ୍ଚାୟତରେ ସୋମବାର ସରପଞ୍ଚ ମାଧବ ମାଢି ବିଭିନ୍ନ ଦାବୀନେଇ ନିର୍ବାହୀ ଅଧିକାରୀ ବିକ୍ରମ ଭୌମିକ୍ ଏବଂ ଏଡିଓ ସୁନ୍ଦରରାୟ ମୁଦୁଲିଙ୍କୁ ତାଲା ପକାଇ ଦେଇଥିଲେ ।

ବିଭିନ୍ନ ଯୋଜନାରେ ଆସିଥିବା ଅନୁଦାନ ରାଶିକୁ ଠିକ୍‌ରେ ବିନିଯୋଗ କରିବା ନିମନ୍ତେ ବହୁବାର ପଞ୍ଚାୟତ ନିର୍ବାହୀ ଅଧିକାରୀ,ଏଡିଓ ଏବଂ କନିଷ୍ଠ ଯନ୍ତ୍ରୀଙ୍କୁ ଶେଷ କରିବାକୁ କହିଥିଲେ । କିନ୍ତୁ ପଞ୍ଚାୟତର କୌଣସି ଅଧିକାରୀ ତାଙ୍କ କଥାକୁ ଗୁରୁତ୍ୱ ନ ଦେଇ ଅଣଦେଖା କରିଥିଲେ । ଦୀର୍ଘ ବର୍ଷଧରି ଉକ୍ତ ପଞ୍ଚାୟତର ନାମ ଫଳକ ଲେଖାଯାଇ ନ ଥିବା ବେଳେ ପୂର୍ବରୁ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟର ବିଲ କରାଯାଇ ନାହିଁ । ଫଳରେ ପଞ୍ଚାୟତ ଅଧୀନରେ ଥିବା ୫ ରାଜସ୍ୱ ଏବଂ ୭ ହାମଲେଟ ଗ୍ରାମ ସମେତ ଅନ୍ୟାନ୍ୟ ଅଞ୍ଚଳରେ ବାସ କରୁଥିବା ଲୋକେ ବିଭିନ୍ନ ଯୋଜନାରୁ ବଞ୍ଚିତ ହେଉଛନ୍ତି । ଏଣୁ ସରପଞ୍ଚ ଏଥିରେ ଅତିଷ୍ଠ ହେବାପରେ କିଛିଦିନ ପୂର୍ବେ ପିଇଓ, ଏଡିଓ ଏବଂ କନିଷ୍ଠ ଯନ୍ତ୍ରୀଙ୍କୁ ତୁରନ୍ତ ଫାଇଲ ଖୋଲିବା ସହିତ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କହିଥିଲେ । ଏହି ନିର୍ଦ୍ଦେଶକୁ ପଞ୍ଚାୟତ ଅଧିକାରୀମାନେ ଅଣଦେଖା କରିବାରୁ ସରପଞ୍ଚ ମାଢି କେତେକ ସମର୍ଥକଙ୍କ ସହିତ ସୋମବାର ପଞ୍ଚାୟତ କାର୍ଯ୍ୟାଳୟରେ ନିର୍ବାହୀ ଅଧିକାରୀ ଓ ଏଡିଓ(ଆକାଉଣ୍ଟାଣ୍ଟ କମ୍ ଡାଟାଏଣ୍ଟ୍ରି ଅପରେଟର) ଭିତରେ ଥିବା ବେଳେ ମୁଖ୍ୟ ଫାଟକରେ ତାଲା ପକାଇ ଦେଇଥିଲେ । ଖବର ପାଇ କୋରୁକୋଣ୍ଡା ବିଡିଓ ଅମୂଲ୍ୟ କୁମାର ସାହୁ ଘଟଣାର ସମାଧାନ ନିମନ୍ତେ କୋରୁକୋଣ୍ଡା ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁରେଶ ଚନ୍ଦ୍ର ସାହୁଙ୍କ ସହ ବ୍ଲକ ସମ୍ପ୍ରସାରଣ ଅଧିକାରୀ ତନ୍ମୟ ଖିଲଙ୍କୁ ପଠାଇଥିଲେ । ଉଭୟ ଅଧିକାରୀ ସେଠାରେ ପହଞ୍ଚିବା ପରେ ସରପଞ୍ଚ ମାଢିଙ୍କୁ ଡାକି ଘଟଣା ସମ୍ପର୍କରେ ବୁଝିଥିଲେ । ପରେ ସରପଞ୍ଚ ମୁଖ୍ୟ ଫାଟକରୁ ତାଲା ଖୋଲିଥିଲେ ।

ଏହାପରେ ପଞ୍ଚାୟତ କାର୍ଯ୍ୟାଳୟରେ ବ୍ଲକ ଓ ପଞ୍ଚାୟତ ଅଧିକାରୀମାନେ ସରପଞ୍ଚ ଓ ସମିତି ସଭ୍ୟା ସବିତା ଦାସଙ୍କ ସହ ପଞ୍ଚାୟତରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ୭ ଦିନ ମଧ୍ୟରେ ବାକି ଥିବା ସମସ୍ତ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରତିଶ୍ରୁତି ଦେଇଥିବା ଜିପିଓ ଖିଲ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଯଦି କାର୍ଯ୍ୟ ଆରମ୍ଭ ନ ହୁଏ ତେବେ ଆଗାମୀ ଦିନରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସରପଞ୍ଚ ମାଢି କରିଛନ୍ତି ।

## ନାରାୟଣପାଟଣାରେ ୪୩ ଅଭିଯୋଗ ଶୁଣିଲେ ଜିଲାପାଳ



ଜିଲାପାଳ ଏବଂ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣାଣି କରୁଛନ୍ତି ।

**କୋରାପୁଟ/ନାରାୟଣପାଟଣା,୨୩।୧୨ (ଅମିତାଭ ବେହେରା/ରାଜକିଶୋର ଜେନା)**

କୋରାପୁଟ ଜିଲାର ନାରାୟଣପାଟଣା ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଭି କୀର୍ତ୍ତି ଭାସନଙ୍କ ବୈଠକରେ ଅଧ୍ୟକ୍ଷତା କରି ୪୩ ଟି ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ । ଏସ୍‌ପି ରୋହିତ ବର୍ମା, କୋରାପୁଟ ଉପଜିଲାପାଳ ବେଣୁଧର ଶବର, ବିଡ଼ିଓ ପିୟୁଷ ଲୁହାର, କୋରାପୁଟ କ୍ଷୁଦ୍ର ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ରାମଚନ୍ଦ୍ର ମୁର୍ମୁ, ବ୍ଲକ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷାଙ୍କ ସମେତ ବହୁ ଜିଲାସ୍ତରୀୟ ଅଧିକାରୀ ଓ ନାରାୟଣପାଟଣା ବ୍ଲକର ସମସ୍ତ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଶୁଣାଣିରେ ସହଯୋଗ କରିଥିଲେ । ବିଶେଷକରି ରାସ୍ତା ସମସ୍ୟା, ଚେକ ଡ୍ୟାମ, ପଟ୍ଟା ସମସ୍ୟା, ମୋବାଇଲ ଟାୱାର ସମସ୍ୟା, ବିଦ୍ୟୁତ, ପାଣି ଆଦି ସମସ୍ୟା ନେଇ ସମୁଦାୟ ୪୩ଟି ବିଭିନ୍ନ ଅଭିଯୋଗ ଗ୍ରାମବାସୀଙ୍କ ପକ୍ଷରୁ କରାଯାଇଥିଲା ।

## ପ୍ରଥମ ଥର ପାଇଁ କୋତାମେଟା ଉତ୍ସବ



**ମାଲକାନଗିରି, ୨୩।୧୨(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା କୋତାମେଟାରେ ପ୍ରଥମ ଥର ପାଇଁ କୋତାମେଟା ଉତ୍ସବ ଆରମ୍ଭ ହୋଇଛି । ଏହି ଅବସରରେ ମିନା ବଜାର ସହ ଅପେରା ଓ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ୨୨ ତାରିଖ ରାତିରୁ ଏହି ଉତ୍ସବ ଆରମ୍ଭ ହୋଇଥିବା ବେଳେ ଏହା ୨୮ ତାରିଖ ଯାଏ ଏହି ଉତ୍ସବ ଜାରି ରହିବ । ତେବେ ଏହି ଅବସରରେ ପ୍ରଥମ ଦିନର ଉଦ୍‌ଘାଟନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ ଯୋଗ ଦେଇଥିବା ବେଳେ ସ୍ଥାନୀୟ ଅଞ୍ଚଳର ଅନ୍ୟ ଜନ ପ୍ରତିନିଧି ମଧ୍ୟ ଏହି ଅବସରରେ ଯୋଗ ଦେଇଥିଲେ । ଜିଲାର ପରମ୍ପରା ଓ ସଂସ୍କୃତିକୁ ବଞ୍ଚାଇ ରଖିବା ପାଇଁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ବେଳେ ଏହା ଆଗାମୀ ଦିନରେ ଆହୁରି ଅଧିକ ଉତ୍ସାହର ସହ ପାଳନ କରାଯିବ ବୋଲି ଆୟୋଜକମାନେ କହିଛନ୍ତି ।

## ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲ

**ମାଲକାନଗିରି,୨୩।୧୨(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ସହକାରୀ ଦୌରା ଜଜ୍ ବବିତା ଦାସ ସୋମବାର ଏକ ବଳାତ୍କାର ମାମଲାର ରାୟ ୧୫ ବର୍ଷ ପରେ ଶୁଣାଇଛନ୍ତି । ମାମଲାରେ ସମ୍ପୃକ୍ତ ଥିବା ଅଭିଯୁକ୍ତ ସେଖ୍ ସୁରିଙ୍କୁ ୭ ବର୍ଷ ଜେଲଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି । ଜରିମାନା ଅନାଦାୟ ହେଲେ ଆଉ ୬ ମାସ ଅଧିକ ଜେଲଦଣ୍ଡ ଭୋଗିବେ ବୋଲି ରାୟ ଶୁଣାଇଛନ୍ତି ।

ପ୍ରକାଶଯେ, ୨।୨।୦୯ରେ ମୁଦୁଲିପଡା ଥାନା ଅଞ୍ଚଳର ଜଣେ ୫୦ ବର୍ଷୀୟ ମହିଳାଙ୍କ ଅଭିଯୋଗ ଅନୁଯାୟୀ, ୧।୨।୦୯ରିଖ ଦିନ ଖଇରପୁଟ ବ୍ଲକ ଅନ୍ତର୍ଗତ ଅନ୍ଦୁଆଝୋଲି ଗ୍ରାମର ଜଣେ ମହିଳା ନିକଟସ୍ଥ ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ କରିବାକୁ ଯାଇଥିଲେ । ସେହି ସମୟରେ ସେଖ୍ ସୁରି ନାମକ ଜଣେ ବ୍ୟକ୍ତି ତାଙ୍କୁ ବଳାତ୍କାର କରିଥିଲେ । ଏ ବିଷୟରେ କାହାକୁ କହିଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ । ମହିଳା ଜଣକ ଜଙ୍ଗଲରୁ ଫେରିବା ପରେ ଏହି ଘଟଣା ସମ୍ପର୍କରେ ତାଙ୍କ ଝିଅକୁ କହିଥିଲେ । ଝିଅ ଓ ମହିଳାଜଣକ ୨।୨।୦୯ ଦିନ ମୁଦୁଲିପଡା ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଘଟଣାର ତଦନ୍ତ କରିବା ସହ ମହିଳାଙ୍କ ଡାକ୍ତରୀ ପରୀକ୍ଷାକରି ଅଭିଯୁକ୍ତ ସେଖ ସୁରିଙ୍କୁ ଗିରଫ କରିଥିଲା । ମାମଲା ୧୫ ବର୍ଷ ବିତିଯାଇଥିବା ବେଳେ ସୋମବାର ରାୟ ପ୍ରକାଶ ପାଇଛି । ଅଭିଯୋଗକାରୀଣି ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ୧୪ ଜଣ ସାକ୍ଷୀଙ୍କ ଆଧାରରେ ମାମଲାର ସମାଧାନ କରାଯାଇ ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲଦଣ୍ଡ ଓ ୧୦ ହଜାର ଟଙ୍କା ଜରିମାନା ରାୟ ଶୁଣାଯାଇଛି । ମାମଲାକୁ ଅତିରିକ୍ତ ସରକାରୀ ଓକିଲ ରବିନାରାୟଣ ପାତ୍ର ପରିଚାଳନା କରିଥିଲେ ।

## ଗୋବିନ୍ଦପାଲ୍ଲୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରାଜ୍ୟରେ ଶ୍ରେଷ୍ଠ

**ଚିତ୍ରକୋଣ୍ଡା ୨୩।୧୨ (ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)**

**ରାଜ୍ୟସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମ**



ସ୍କୁଲ କର୍ମକର୍ତ୍ତାଙ୍କୁ ପୁରସ୍କୃତ କରାଯାଉଛି ।

ଖଇରପୁଟ ବ୍ଲକ ଗୋବିନ୍ଦପାଲ୍ଲୀ ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଚଳିତ ବର୍ଷ ରାଜ୍ୟସ୍ତରୀୟ ସର୍ଗିଫୁଲ-୨୦୨୪ କାର୍ଯ୍ୟକ୍ରମରେ ରାଜ୍ୟର ଶ୍ରେଷ୍ଠ ବିଦ୍ୟାଳୟ ଭାବେ ପୁରସ୍କୃତ ହୋଇଛି । ୨୦୨୪ ଉଚ୍ଚ ମାଧ୍ୟମିକ ପରୀକ୍ଷାରେ ବିଜ୍ଞାନ ଓ ବାଣିଜ୍ୟରେ ଶତ ପ୍ରତିଶତ ପାସ୍ ହାର ହୋଇଥିବାରୁ ଏହାକୁ ଶ୍ରେଷ୍ଠ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାବେ ପୁରସ୍କୃତ କରାଯାଇଛି । ବାଣିଜ୍ୟରେ ଉମେଶ ରନ୍ଧାରୀ ୬୦୦ ମାର୍କରୁ ୫୩୨ ରଖି ସାରା ରାଜ୍ୟରେ ଟପ୍ପର ହୋଇଥିବାରୁ ସେ ଉତ୍ତମ ଛାତ୍ରର ମାନ୍ୟତା ପାଇଛନ୍ତି । ଏହି ପୁରସ୍କାର ରାଜ୍ୟସ୍ତରୀୟ ସର୍ଗିଫଲ କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି, ଜନଜାତି ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ନିର୍ଦ୍ଦେଶକ ପୋମା ଟୁଡୁ ଛାତ୍ରୀ ରମେଶ ରନ୍ଧାରୀ ଏବଂ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଅଶୋକ କୁମାର ସ୍ୱର୍ଣ୍ଣକାରଙ୍କୁ ପ୍ରଦାନ କରିଛନ୍ତି । ଗୋବିନ୍ଦପାଲ୍ଲୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରାଜ୍ୟରେ ଶ୍ରେଷ୍ଠ ପୁରସ୍କୃତ ହୋଇଥିବାରୁ ଜିଲା ଓ ରାଜ୍ୟର ଅନେକ ସ୍ଥାନରୁ ପ୍ରଶଂସାର ସୁଅ ଛୁଟୁଛି ।

## ସ୍ପାଇକ୍ ହୋଲରେ ପଡ଼ି ଯବାନ ଗୁରୁତର

**ମାଲକାନଗିରି, ୨୩।୧୨(ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ବିଜାପୁରରେ ମାଓବାଦୀଙ୍କ ଦ୍ୱାରା ଲଗାଯାଇଥିବା ସ୍ପାଇକ୍ ହୋଲରେ ପଡ଼ି ଜଣେ ଯବାନ ଗୁରୁତର ହୋଇଛନ୍ତି । ଡିଆର୍‌ଜି ବାହିନୀ ପକ୍ଷରୁ ବିଜାପୁର ଜିଲା ପୁନୁର ଅଞ୍ଚଳରେ ମାଓବାଦୀ ଦମନ ଅପରେଶନ ଜାରି ରହିଥିଲା । ଯବାନଙ୍କ ପକ୍ଷରୁ ଜଙ୍ଗଲ ରାସ୍ତା ଦେଇ ଯିବା ବେଳେ ହଠାତ୍ ଜଣେ ଯବାନ ମାଓବାଦୀଙ୍କ ଦ୍ୱାରା ପୂର୍ବରୁ କରାଯାଇଥିବା ଏକ ସ୍ପାଇକ୍ ହୋଲ୍‌ରେ ଖସି ପଡ଼ିଥିଲେ । ଫଳରେ ଯବାନ ଜଣକ ଦେହରେ ଅନେକ ମୁନିଆ ଲୁହା ଛଡ଼ ପଶି ଯିବାରୁ ସେ ଗୁରୁତର ହୋଇପଡ଼ିଥିଲେ । ଆହତ ଯବାନଙ୍କ ନାମ ଆଶିଷ ନାଗ । ଯବାନଙ୍କ ଚିକିତ୍ସା ଜାରି ରହିଥିବା ବେଳେ ଅଞ୍ଚଳରେ ତଲାସି ଜୋରଦାର କରାଯାଇଛି ।

## ଆକ୍ସିସ୍ ବ୍ୟାଙ୍କରୁ ଟଙ୍କା ହଡପ ଘଟଣା: ଆଉ ଜଣେ ଅଭିଯୁକ୍ତ ଗିରଫ

**ମାଲକାନଗିରି, ୨୩।୧୨(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ଆକ୍ସିସ ବ୍ୟାଙ୍କରେ ସୁନା ଋଣ ନାମରେ ଠକେଇ ଅଭିଯୋଗରେ ସୋମବାର ଅନ୍ୟଜଣେ ଅଭିଯୁକ୍ତଙ୍କୁ ଭୁବନେଶ୍ୱରରୁ ମାଲକାନଗିରି ଆଦର୍ଶ ଥାନା ପୋଲିସ ଗିରଫକରି କୋର୍ଟ ଚାଲାଣ କରିଛି ।

ସୂଚନା ଅନୁଯାୟୀ, ପୂର୍ବରୁ ଏହି ବ୍ୟାଙ୍କରେ ସୁନା ଋଣ ନାମରେ ଠକେଇ ନେଇ ଅଭିଯୋଗ ହୋଇଥିବା ବେଳେ ଘଟଣାରେ ପୂର୍ବରୁ ୩ ବ୍ୟାଙ୍କ କର୍ମଚାରୀ ଗିରଫ ହୋଇଥିଲେ । ତେବେ ଘଟଣାରେ ସାମିଲ ଥିବା ଅଭିଯୁକ୍ତ ସୌମ୍ୟରଞ୍ଜନ ଦାସ ଅଭିଯୋଗପରେ ଫେରାର ହୋଇଯାଇଥିଲେ । ପୋଲିସ ସୌମ୍ୟକୁ ଗିରଫ କରିବାପାଇଁ ଉଦ୍ୟମ ଜାରି ରଖିଥିବା ବେଳେ ସେ ଭୁବନେଶ୍ୱରରେ ଲୁଚିଥିବା ଖବର ପାଇ ମାଲକାନଗିରି ଆଦର୍ଶ ଥାନା ପୋଲିସର ଏକ ଟିମ ଚଢାଉ କରି ତାଙ୍କୁ ଗିରଫ ପରେ ମାଲକାନଗିରି ଆଣିଥିଲେ ।

ସୂଚନାଯୋଗ୍ୟ,ମିଥ୍ୟା ପ୍ରମାଣପତ୍ର ଦେବା ସହ ବହୁ ଗ୍ରାହକଙ୍କ ନକଲି ଦସ୍ତଖତ କରି ଅଭିଯୁକ୍ତମାନେ ୧୬୪୮.୭୦ ଗ୍ରାମ୍ ସୁନା ବନ୍ଧକ ଥିବା ଦର୍ଶାଇ ୮୩. ୮୦ ଲକ୍ଷ ଟଙ୍କା ଲୁଟ କରିଥିଲେ । ଘଟଣାରେ ବର୍ତ୍ତମାନ ସୁଦ୍ଧା ୪ ଜଣ ଗିରଫ ହୋଇଛନ୍ତି ।

## କୋମାଟପାଲିରେ ଯବାନଙ୍କ ଦ୍ୱାରା ମାଓବାଦୀ ସ୍ତୂପ ଧ୍ୱଂସ



ମାଓବାଦୀ ସ୍ତୂପ ଧ୍ୱଂସ କରାଯାଉଛି ।

**ମାଲକାନଗିରି, ୨୩।୧୨(ଦୁର୍ଯ୍ୟୋଧନ ପାତ୍ର)**

ବିଜାପୁର ଜିଲା କୋମାଟପାଲିରେ ଯବାନଙ୍କ ଦ୍ୱାରା ଗୋଟିଏ ବିଶାଳ ମାଓବାଦୀ ସ୍ତୂପ ଧ୍ୱଂସ କରାଯାଇଛି । କୋମାଟପାଲି ଗ୍ରାମ ନିକଟରେ ଡିଆରଜି ଯବାନ, ସିଆରପିଏଫ ଓ ପୋଲିସ ପକ୍ଷରୁ ତଲାସି ଅଭିଯାନ ବେଳେ ଏକ ବିଶାଳ ସ୍ତୂପକୁ ଯବାନମାନେ ଠାବକରି ମେଶିନ ସାହାଯ୍ୟରେ ଭାଙ୍ଗି ଧ୍ୱଂସ କରିଥିଲେ ।

## ଧାନବସ୍ତା ରଖି ଚାଷୀଙ୍କ ରାସ୍ତାରୋକୋ

**ଜୟପୁର, ୨୩।୧୨ (ପବନ ପାଣିଗ୍ରାହୀ)**



ଜୟପୁରରେ ଗତ ୧୧ ତାରିଖରୁ ମଣ୍ଡି ଆରମ୍ଭ ହୋଇଥିଲେ ମଧ୍ୟ ଚାଷୀଙ୍କ ଧାନ କ୍ରୟ ହୋଇ ପାରୁନାହିଁ । ଫଳରେ ଚାଷୀ ଶୀତ କାକରରେ ମଣ୍ଡି ଓ ଖଳାରେ ଧାନ ରଖି ଅପେକ୍ଷା କରିଛନ୍ତି । ଏହାର ପ୍ରତିବାଦରେ ସୋମବାର ଜୟପୁର ବ୍ଲକ୍ ଅନ୍ତର୍ଗତ କୁମୁଲିପୁଟ ଜାତୀୟ ରାଜପଥରେ ଚାଷୀମାନେ ଅପରାହ୍ଣ ସାଢେ ୩ଟାରେ ରାସ୍ତା ଉପରେ ଧାନ ବସ୍ତା ରଖି ଅବରୋଧ କରିଥିଲେ । ରାସ୍ତାରୋକୋ ଯୋଗୁଁ ଉଭୟ ପଟେ ଶତାଧିକ ଗାଡି ଅଟକି ରହିଥିଲା । ସଦର ପୋଲିସ, ଜୟପୁର ବିଡିଓ ଶକ୍ତି ମହାପାତ୍ର, ତହସିଲଦାର ସବ୍ୟସାଚୀ ଜେନା ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରିବା ପରେ ଚାଷୀ ରାସ୍ତାରୋକରୁ ଓହରିଥିଲେ । ପରେ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା ।

## ଲୋକାୟୁକ୍ତ ଆଇନ ପରିବର୍ତ୍ତନ ପାଇଁ ଦାବି

**ଜୟପୁର, ୨୩।୧୨ (ପବନ ପାଣିଗ୍ରାହୀ)**

**ଭ୍ରଷ୍ଟାଚାର ବିରୋଧୀ ସଂଗଠନର ଖବରଦାତା ସମ୍ମିଳନୀ**

ରାଜ୍ୟରେ ଦୁର୍ନୀତି ଦୂର କରିବା ପାଇଁ ଲୋକାୟୁକ୍ତ ଆଇନ ପରିବର୍ତ୍ତନ ଆବଶ୍ୟକ ବୋଲି ଭ୍ରଷ୍ଟାଚାର ବିରୋଧୀ ସଂଗଠନ ପକ୍ଷରୁ ଦାବି ହୋଇଛି । ଜୟପୁରର ଏକ ହୋଟେଲରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସଂଗଠନ ପକ୍ଷରୁ ଦାବି କରାଯାଇଛି । ଗତ ୨୪ ବର୍ଷ ମଧ୍ୟରେ ରାଜ୍ୟରେ ପ୍ରତ୍ୟେକ କ୍ଷେତ୍ରରେ ଦୁର୍ନୀତି ବହୁ ପରିମାଣରେ ବୃଦ୍ଧି ପାଇଛି । ସମସ୍ତ ମକଦ୍ଦମାକୁ ଫଇସଲା କରିବା ଓ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଭିଜିଲାନ୍ସ ବିଭାଗ ପାଖରେ ମାନବ ସମ୍ବଳ ନାହିଁ । ଅନ୍ୟ ରାଜ୍ୟରେ ଯେଉଁ ଭଳି ଭାବରେ ଲୋକାୟୁକ୍ତକୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରାଯାଇ ବିଭିନ୍ନ ଅସାଧୁ ସରକାରୀ କର୍ମଚାରୀଙ୍କ ବିରୋଧରେ ସର୍ଚ୍ଚ ୱାରେଣ୍ଟ ଜାରି କରି କାର୍ଯ୍ୟକ୍ରମ ଗ୍ରହଣ କରାଯିବାକୁ ଦାବି ହୋଇଛି । ଅନ୍ୟ ରାଜ୍ୟର ଆଇନ ସହ ତର୍ଜମା କରି ନୂତନ ଆଇନ ଗ୍ରହଣ କରିବାକୁ ଆସନ୍ତା ଜାନୁୟାରୀରେ ସଂଗଠନ ପକ୍ଷରୁ ସଚେତନତା ପାଇଁ ଦସ୍ତଖତ ସଂଗ୍ରହ କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି କୁହାଯାଇଥିଲା ।। ଆଗାମୀ ଦିନରେ ଦୁର୍ନୀତି ବିରୁଦ୍ଧରେ ଖବରଦାତାଙ୍କ ଲଢ଼େଇରେ ସଂଗଠନ ସହଯୋଗ କରିବ ବୋଲି ସଂଗଠନ ରାଜ୍ୟ ଆବାହାକ ତଥା ଆଇନଜୀବୀ ସୁବ୍ରତ କୁମାର ନନ୍ଦ, କୋରାପୁଟ ଜିଲା ସଭାପତି ଅଶୋକ ମିଶ୍ର, ନବରଙ୍ଗପୁର ଜିଲା ସଭାପତି ଈଶ୍ୱର ରାଓ, ସାଧାରଣ ସମ୍ପାଦକ ଅର୍ଜୁନ ଭାତ୍ରା, ବୋରିଗୁମା ବ୍ଲକ ସଭାପତି ରବି ଶଙ୍କର ମହାପାତ୍ର, ଜୟପୁର ମ୍ୟୁନିସିପାଲିଟିର ସଭାପତି ପୂର୍ଣ୍ଣଚନ୍ଦ୍ର ପାଢ଼ି ଓ ଜୟପୁର ବ୍ଲକ ସଭାପତି ନରସିଂହ ନାୟକ ପ୍ରମୁଖ ସୂଚନା ଦେଇଥିଲେ ।

## ୩୭ ଅଭିଯୋଗ ଶୁଣିଲେ ଜିଲାପାଳ

**ପଡିଆ, ୨୩।୧୨(ଭାସ୍କର ରାଓ )**

ମାଲକାନଗିରି ଜିଲା ପଡିଆ ବ୍ଲକରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ୮ ପଞ୍ଚାୟତରୁ ଆସିଥିବା ଲୋକଙ୍କ ବିଭିନ୍ନ ଅଭିଯୋଗ ଗ୍ରହଣ କରାଯାଇଥିଲା । ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଡ୍ରେନ ନିର୍ମାଣ ଓ ଯୋଗାଯୋଗ ସମ୍ବନ୍ଧୀୟ ଅଭିଯୋଗଗୁଡିକର ଶୁଣାଣି କରାଯାଇଥିଲା । ଏଥିରେ ମୋଟ ୩୭ ଅଭିଯୋଗ ଜିଲାପାଳ ଶୁଣି ଥିଲେ । କମାରଗୁଡା ଗ୍ରାମସ୍ଥିତ ପୋଲିସ ଚେକ୍ ପୋଷ୍ଟ ନିକଟରେ ହାଇ ମାଷ୍ଟ ଲାଇଟ ଲଗାଇବା, ଭେଞ୍ଜନପଲ୍ଲୀ ଗ୍ରାମରେ ଏକ ଅଙ୍ଗନୱାଡି କେନ୍ଦ୍ର ଖୋଲିବା ନେଇ ପଡିଆ ସରପଞ୍ଚ ଗଙ୍ଗା କାରାମ ଲିଖିତ ଭାବେ ଜଣାଇଥିଲେ । ଏଥିସହ ସୁଭଦ୍ରା ଟଙ୍କା ପାଇନଥିବାରୁ ଗୋଲାଗୁଡା ଗ୍ରାମର କେତେକ ମହିଳା ଜିଲାପାଳଙ୍କୁ ଜଣାଇଛନ୍ତି । ସମସ୍ତ ଅଭିଯୋଗ ଗ୍ରହଣ ପାଟିଲ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ରୌପ୍ୟ ପଦକ ହାସଲ କଲେ ଚନ୍ଦ୍ର

**ବାଲିମେଳା, ୨୩।୧୨(ଶିବଦତ୍ତ ସାହୁ)**

**ରାଜ୍ୟସ୍ତରୀୟ ଭାରୋତ୍ତୋଳନ ପ୍ରତିଯୋଗିତା**

ମାଲକାନଗିରି ଜିଲା ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ର ଚନ୍ଦ୍ର ପଡ଼ିଆମୀ ରାଜ୍ୟସ୍ତରୀୟ ଭାରୋତ୍ତୋଳନ ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ କରି ଗୌରବ ଆଣିଛନ୍ତି । ଗତ ସପ୍ତାହରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେଅନୁଷ୍ଠିତ ପ୍ରତିଯୋଗିତାରେ ବାଲିମେଳାର ୪ ଛାତ୍ର ଚୟନ ହୋଇଥିଲେ । ସେଥିରୁ ଚନ୍ଦ୍ର ୪୪ କିଲୋ ବର୍ଗରେ ତୃତୀୟ ସ୍ଥାନ ଅଧିକାର କରି ରୌପ୍ୟ ହାସଲ କରିଛନ୍ତି । ସେ ସୋମବାର ଫେରିବା ପରେ ବିଦ୍ୟାଳୟ ପକ୍ଷରୁ ଏକ ସ୍ୱତନ୍ତ୍ର ସଭା ଆୟୋଜିତ କରାଯାଇ ଚନ୍ଦ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷୟିତ୍ରୀ ସୁଶିଳା ହିଆଲ, ପିଇଟି ଭାଗୀରଥି ସାହୁ, ଇନ୍‌ଡୋର ଷ୍ଟାଡିୟମ ଇନ୍‌ଚାର୍ଜ ଲକ୍ଷ୍ମୀକାନ୍ତ ପୂଜାରୀ ଓ କୋଚ ରଘୁନାଥ ଖିଲଙ୍କ ସମେତ ବିଦ୍ୟାଳୟର ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।



ଚନ୍ଦ୍ରଙ୍କୁ ପୁରସ୍କୃତ କରାଯାଉଛି ।

## କଂଗ୍ରେସ ତରଫରୁ ରାଲି, ବିକ୍ଷୋଭ, ଦାବିପତ୍ର

**ମାଲକାନଗିରି, ୨୩।୧୨(ଦୁର୍ଯ୍ୟୋଧନ ପାତ୍ର)**

**ଆମ୍ବେଦକରଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟର ପ୍ରତିବାଦ**

ମାଲକାନଗିରି ଜିଲା କଂଗ୍ରେସ କମିଟି ତରଫରୁ ସୋମବାର ରାଲି ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଜିଲା କଂଗ୍ରେସ କର୍ମୀ ସ୍ଥାନୀୟ ବସ୍‌ଷ୍ଟାଣ୍ଡଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାଲିକରି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏଥିସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଏଥିରେ ଉଲ୍ଲେଖ ରହିଛି, ଗତ ଶୀତ ଅଧିବେଶନରେ ପାର୍ଲାମେଣ୍ଟ କକ୍ଷରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ସମସ୍ତଙ୍କ ଉପସ୍ଥିତିରେ ସମ୍ବିଧାନ ପ୍ରଣେତା ତଥା ଭାରତରତ୍ନ ବାବାସାହେବ ଭୀମରାଓ ଆମ୍ବେଡକରଙ୍କ ବିରୋଧରେ ଯେଉଁ ଅଶାଳୀନ ମନ୍ତବ୍ୟ ଦେଇଥିଲେ ତାହା ଦୁର୍ଭାଗ୍ୟଜନକ । ପାର୍ଲାମେଣ୍ଟ କକ୍ଷରେ କହିଥିଲେ, ଆମ୍ବେଡକର, ଆମ୍ବେଡକର, ଆମ୍ବେଡକର କହିବା ସମସ୍ତଙ୍କର ଗୋଟିଏ ଫ୍ୟାଶନରେ ପରିଣତ ହୋଇଛି । କିନ୍ତୁ ଯଦି ଆପଣମାନେ ବାରମ୍ବାର ଭଗବାନଙ୍କୁ ସ୍ମରଣ କରିବେ ତା ହେଲେ ତୁମ୍ଭମାନଙ୍କ ସ୍ୱର୍ଗପ୍ରାପ୍ତି ହେବ । ଏହା ନିଶ୍ଚିତ ଭାବେ ସମସ୍ତ ଭାରତୀୟଙ୍କ ଭାବବେଗକୁ ଆଘାତ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଗୃହମନ୍ତ୍ରୀ ଅମିତ ଶାହା ସମ୍ବିଧାନର ନିୟମକୁ ଭଙ୍ଗ କରିବା ପାଇଁ ଚକ୍ରାନ୍ତ କରୁଛନ୍ତି । ଏହାକୁ ଆମେ ବିରୋଧ କରୁଛୁ । ଏଥିସହ ଏହି ଗଣତନ୍ତ୍ର ରାଷ୍ଟ୍ରରେ ରାଜ୍ୟ ଭାଜପା ଓ କେନ୍ଦ୍ର ନେତାବୃନ୍ଦ ଦେଶକୁ ବିଭାଜନ କରିବା ଉଦ୍ଦେଶ୍ୟରେ ଜାତି ଜାତି ମଧ୍ୟରେ ବିବାଦ ସୃଷ୍ଟି କରି ଭାଇଚାରାକୁ ନଷ୍ଟ କରିବା ପାଇଁ ଉଦ୍ୟମ କରୁଛନ୍ତି । ଏଣୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ଇସ୍ତଫା ଦାବି କରିବା ସହ ସେ ଭାରତର ଜନସାଧାରଣଙ୍କୁ କ୍ଷମା ଭିକ୍ଷା କରନ୍ତୁ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି । ଏହି ରାଲିରେ ଜିଲା କଂଗ୍ରେସ କମିଟି ସଭାପତି ଗୋବିନ୍ଦ ପାତ୍ର, ପର୍ଶୁରାମ ଭକ୍ତ, ଜି. ଶ୍ରୀନିବାସ ରାଓ, ପି. କେଶୁ ରାଓ, ପ୍ରାଣକୃଷ୍ଣ ମଣ୍ଡଳ, ପଦ୍ମ ପାଙ୍ଗିଙ୍କ ସହ ୨୦୦ରୁ ଊର୍ଦ୍ଧ୍ୱ କର୍ମୀ ଓ କର୍ମକର୍ତ୍ତା ଯୋଗ ଦେଇଥିଲେ ।



କଂଗ୍ରେସ କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

